## ଆଜି କ'ଣ କେଉଁଠି

**ଅନୁଗୋଳ**
- ବାଦୀପାଲା ପ୍ରତିଯୋଗିତା ଉଦ୍‌ଘାଟନ
ସ୍ଥାନ- ହୁଲୁରୁସିଂହା
ସମୟ- ରାତ୍ର ୮ ଘଟିକା।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ବନ୍ତଲା, ୩୧।୫(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ତାଙ୍କ ମାମୁ ପୁଅ ଭାଇ ବୁଧବାର ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ରାତିରେ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ପୋଲିସ ନଂ. ୧୦୦/୧୯ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।
ଅଭିଯୋଗରୁ ଜଣାଯାଏ, ନାବାଳିକା ଜଣକ ପ୍ରାୟ ବର୍ଷେ ହେଲା ତାଙ୍କ ମାମୁ ଘରେ ରହୁଛନ୍ତି। ବୁଧବାର ଅପରାହ୍ନରେ ସମ୍ପୃକ୍ତା ନାବାଳିକା ଓ ତାଙ୍କ ମାମୁ ଝିଅ ଗାଈ ଚରାଇ ଘରକୁ ଫେରୁଥିବାବେଳେ ଅଭିଯୁକ୍ତ ତଥା ନାବାଳିକାଙ୍କ ମାମୁ ପୁଅ ତାଙ୍କୁ ଗାଳିଗୁଲଜ ସହ ବଳାତ୍କାର କରିଥିଲେ। ତେବେ ବନ୍ତଲା ଥାନାରେ ମହିଳା ଅଫିସର ନ ଥିବାରୁ ୧୬୧ ଷ୍ଟେଟମେଣ୍ଟ ରେକର୍ଡ କରିବାରେ ସମସ୍ୟା ଉପୁଜିଥିଲା। ଫଳରେ ଶୁକ୍ରବାର ନାବାଳିକାଙ୍କ ବୟାନ ରେକର୍ଡ ପାଇଁ ସକାଳୁ ଅନୁଗୋଳ ଥାନାକୁ ଯାଇଥିଲେ। ଖବରଲେଖା ହେବା ସୁଦ୍ଧା ପୀଡିତାଙ୍କ ବୟାନ ରେକର୍ଡ ହୋଇପାରି ନ ଥିଲା।

### ଅଳିଆ ଗଦା ନିଆଁରେ ଜଳିଗଲା ଗୁହାଳ

କଣିହାଁ, ୩୧।୫(ଡି.ଏନ.ଏ.)- କଣିହାଁ ବ୍ଲକ ହନୁମାନପୁର ପଞ୍ଚାୟତ ଗୁଣ୍ଡୁରୀ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଅଳିଆଗଦାରେ ଲାଗିଥିବା ନିଆଁ ଉଡି ଧୀରେନ ଶତପଥୀଙ୍କ ଗୁହାଳ ଜଳି ଯାଇଛି। ଏଥିରେ ଗୁହାଳରେ ଥିବା ଗୋଖାଦ୍ୟ ସମେତ ଅନ୍ୟାନ୍ୟ ଜିନିଷ ପୋଡିଯାଇଛି। କ୍ଷୟକ୍ଷତିର ପରିମାଣ ୨୫ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଇଛି। ଅଗ୍ନିଶମ ବିଭାଗ ସୂତ୍ରରୁ ପ୍ରକାଶ, ନିକଟରେ ଥିବା ଅଳିଆ ଗଦାରେ ନିଆଁ ଲଗାଇ ଦିଆଯାଇଥିଲା। ଅପରାହ୍ନ ୧ଟାରେ ସେଥିରୁ ନିଆଁ ଉଡି ଗୁହାଳରେ ଲାଗିଥିଲା। ଅଗ୍ନିଶମ କର୍ମଚାରୀ ଖବରପାଇ ସେଠାରେ ପହଞ୍ଚି ନିଆଁ ଲିଭାଇଥିଲେ। ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବନ୍ତଲା ଥାନାରେ ମହିଳା ପୋଲିସ ନିଯୁକ୍ତି ଦାବି



ବନ୍ତଲା, ୩୧।୫(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଲା ଥାନାରେ ମହିଳା ପୋଲିସ ନିଯୁକ୍ତି ପାଇଁ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ଦାବି ହୋଇଛି। ଆଇଆଇସି ପ୍ରଦୀପ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଥାନା ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆବଶ୍ୟକତା ଦୃଷ୍ଟିରୁ ଥାନାରେ ଜଣେ ମହିଳା ସବ୍‌ଇନ୍ସପେକ୍ଟର ନିଯୁକ୍ତି, ଯୁବତୀ ଚାଲାଣ ଉପରେ ରୋକ, ବେଆଇନ ମଦ ବିକ୍ରି ବନ୍ଦ କରାଯିବା, ହେଲମେଟ ଯାଞ୍ଚ କଡାକଡି କରାଯିବା, ବରିଷ୍ଠ ନାଗରିକ ଓ ମହିଳାଙ୍କୁ ସୁରକ୍ଷା ପ୍ରଦାନ ସହ ନାବାଳିକା ବିବାହ ରୋକିବା ଉପରେ ପଦକ୍ଷେପ ପାଇଁ ଦାବି ହୋଇଥିଲା। ଆଗାମୀ ବୈଠକ ବଡକନ୍ତକୁଳ ପଞ୍ଚାୟତରେ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଶାନ୍ତିଲତା ସାହୁ, ଜିତେନ୍ଦ୍ର ପ୍ରଧାନ, ସଞ୍ଜୟ ଦାସ, ଲକ୍ଷଣ ସାହୁ, ହରିହର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ଚାନ୍ଦା ଆଦାୟ କରି ୨ ଯୁବକ ଗିରଫ

ଜଳେଶ୍ୱର, ୩୧।୫(ଡି.ଏନ.ଏ.)
ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ପୁରୁଣା ଓଟି ରୋଡର ବ୍ଲକ ଅଫିସ ନିକଟରେ ଶାନ୍ତିଆ ଗ୍ରାମର ମୁନା ସାମଲ, ସରୋଜ ପାତ୍ର, ପିଙ୍କୁ ଜେନା ଓ ଦୀପୁ ଦାସ ପ୍ରମୁଖ ଗାଡ଼ିଗୁଡ଼ିକୁ ଅଟକାଇ ବେଆଇନ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଥିଲା। ଜଳେଶ୍ୱର ଥାନା ଆଇଆଇସି ପ୍ରଦୀପ କୁମାର ମାଝି ଗୁରୁବାର ବିଳମ୍ବିତ ରାତିରେ ପହଞ୍ଚି ମୁନା ଓ ସରୋଜଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର୍ ହୋଇଯାଇଥିଲେ।

## ବଦଳିବ ଜିଲା ମୁଖ୍ୟ ଚିକିତ୍ସାଳୟ ରୂପରେଖ

# ନିର୍ମାଣ ହେବ ଅତ୍ୟାଧୁନିକ ଆଉଟଡୋର



- ଉଠିଯିବ ପୁରୁଣା ମେଡିସିନ୍ ୱାର୍ଡ
- ଫାଟକରେ ଲାଗିବ ମ୍ୟାପ
- ବସିବା ପାଇଁ ପଡ଼ିବ ୪୦ ଚୌକି

ଅନୁଗୋଳ ଅଫିସ, ୩୧।୫

ଜିଲା ମୁଖ୍ୟ ଚିକିତ୍ସାଳୟର ରୂପରେଖ ବଦଳିବ। ମେଡିକାଲରେ ଥିବା ମେଡିଶିନ୍ ୱାର୍ଡ ଭଙ୍ଗାଯାଇ ସେଠାରେ ଅତ୍ୟାଧୁନିକ ଆଉଟଡୋର ବ୍ୟବସ୍ଥା କରାଯିବ। ପୁରୁଣା ଆଉଟଡୋର ନିକଟରେ ରୋଗୀ ଓ ସମ୍ପର୍କୀୟଙ୍କ ବସିବା ପାଇଁ ଏକ ପ୍ରତୀକ୍ଷା କକ୍ଷ ଖୋଲାଯିବାର ବ୍ୟବସ୍ଥା ଖୁବ୍‌ଶୀଘ୍ର କରାଯିବ। ଶୁକ୍ରବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବୈଠକରେ ମୁଖ୍ୟ ଚିକିତ୍ସାଳୟରେ ଥିବା ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ବେଳେ ଏହି ସୂଚନା ମିଳିଛି। ରୋଗୀଙ୍କୁ କିପରି ଉନ୍ନତ ସେବା ଯୋଗାଇ ଦିଆଯିବ ସେ ସମ୍ପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ବର୍ତ୍ତମାନ ଥିବା କାଜୁଆଲଟି ପରିବର୍ତ୍ତେ ନୂତନ ତଥା ଅତ୍ୟାଧୁନିକ କାଜୁଆଲଟିରେ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯିବ। ପୁରୁଣା ମେଡିଶିନ ୱାର୍ଡକୁ ସ୍ଥାନାନ୍ତର କରାଯିବ। ମେଡିକାଲର ୩ ମହଲା ଉପରେ ଆହୁରି ଦୁଇ ମହଲା ନିର୍ମାଣ କରାଯିବ। ରୋଗୀଙ୍କ ଯିବା ଆସିବା ପାଇଁ ଲିଫ୍ଟ ସହ ର୍ୟାମ୍ପ ରହିବ। ନୂତନ ଦୁଇ ମହଲାରେ କାଜୁଆଲଟି ବ୍ୟବସ୍ଥା ରଖାଯିବ। ସେହିପରି ଉପର ମହଲାରେ ସମ୍ମିଳନୀ କକ୍ଷ ସହ ପ୍ରଶାସନିକ କାର୍ଯ୍ୟାଳୟ କରାଯିବ ବୋଲି ଭାରପ୍ରାପ୍ତ ସିଡିଏମ୍‌ଓ ପ୍ରତାପ କୁମାର ବେହେରା ସୂଚନା ଦେଇଛନ୍ତି। ଏଥିସହ ଦୁଇ ମୁଖ୍ୟ ଫାଟକ ସମ୍ମୁଖରେ ମାଷ୍ଟର ପ୍ଲାନ(ନକ୍ସା) ଲଗାଯିବ। ଏହାଦ୍ୱାରା ରୋଗୀ ଏବଂ ସମ୍ପର୍କୀୟମାନେ ୱାର୍ଡ ଓ ବିଭାଗକୁ ଯିବାରେ ଆଉ ସମସ୍ୟା ଉପୁଜିବ ନାହିଁ। ବର୍ତ୍ତମାନ ଆଉଟଡୋରରେ ରୋଗୀଙ୍କ ବିଶ୍ରାମ ବା ବସିବା ପାଇଁ ସ୍ଥାନ ନ ଥିବାରୁ ୪୦ଟି ଚୌକି କାଜୁଆଲଟି ଟିକେଟ୍ କାଉଣ୍ଟର ସମ୍ମୁଖରେ ପଡ଼ିବ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି ମେଡିକାଲର ପାଣି ନିଷ୍କାସନ ପାଇଁ ଡ୍ରେନ ବ୍ୟବସ୍ଥା କରାଯିବ। ନୂତନ ଶବ ସଂରକ୍ଷଣ ଗୃହରେ ଦୁଇଟି ମୃତଦେହ ସଂରକ୍ଷିତ ରହିପାରିବା ଭଳି ମେଶିନ କିଣାଯିବ। ୫ଶହ କେଭିର ଟ୍ରାନ୍ସଫର୍ମର ଲଗାଯିବା ପାଇଁ ସେସୁକୁ ଜିଲା ପ୍ରଶାସନ ପକ୍ଷରୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଡାୟାଲିସିସ୍ ସେଣ୍ଟରକୁ ନୂତନ ଜେନେରେଟର ପ୍ରଦାନ କରାଯାଇଥିବା ସିଡିଏମ୍‌ଓ କହିଥିଲେ। ଏଥିସହ ଟ୍ରମା କେୟାର ସେଣ୍ଟର ପାଇଁ ଜାଗା ଅଭାବ ଥିବାରୁ ପୋଲଟ୍ରି ଫାର୍ମ ଉଠାଯାଇ ମେଡିକାଲକୁ ଜାଗା ପ୍ରଦାନ କରାଯିବ ବୋଲି ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ ମେଡିକାଲ ଲକ୍ଷ୍ମୀନାରାୟଣ ବିଶୋଇ, ତ୍ରିଲୋଚନ ପ୍ରଧାନ, ରୋଗୀ କଲ୍ୟାଣ ସମିତି ସଦସ୍ୟ ଭବାନୀ ମିଶ୍ର, ଆରଆଣ୍ଡବି ଇଞ୍ଜିନିୟର, ବିଦ୍ୟୁତ୍ ବିଭାଗ ଆସିଷ୍ଟାଣ୍ଟ ଇଞ୍ଜିନିୟର, ପୌରପାଳିକା କର୍ମଚାରୀ ପ୍ରମୁଖଙ୍କ ସହ ମେଡିକାଲ ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୧୨୦ ଟଙ୍କାରେ କରିଥିଲି ଦୋକାନ



**ଦିନକର କାହାଣୀ**
**ଗିରିଶ ଚନ୍ଦ୍ର ସାହୁ**

ଆର୍ଥିକ ଦୁରବସ୍ଥା ଯୋଗୁ ଅଧାରୁ ଛାଡ଼ିବାକୁ ପଡ଼ିଲା ପାଠ। ପରିବାରକୁ ସହଯୋଗ କରିବାକୁ ପାନ ଦୋକାନଟିଏ କଲି। ପାଖରେ ଥିଲା ୭୦ ଟଙ୍କା। ବାପା ଆଉ ୫୦ ଟଙ୍କା ଦେବା ପରେ ୧୨୦ ଟଙ୍କାରେ ଗାଁ ଛକରେ ଦୋକାନ ଖୋଲିଲି। ସେହି ଦୋକାନରୁ ଆଜି ପରିବାର ଚଳାଉଛି। ଦୁଇ ପୁଅଙ୍କୁ ପାଠ ପଢ଼ାଉଛି। ଘର ଖଣ୍ଡିଏ ମଧ୍ୟ କରିପାରିଛି।

ଅନୁଗୋଳ ବ୍ଲକ ବନ୍ତଲା ଥାନା ଶଙ୍ଖପୁର ଗ୍ରାମର ଗିରିଶ ଚନ୍ଦ୍ର ସାହୁ (୪୮)ଙ୍କ ଏ ହେଉଛି ଜୀବନ ସଂଘର୍ଷର କଥା। ବାପା ବେଣୁଧରଙ୍କ ୫ ପିଲାଙ୍କ ମଧ୍ୟରୁ ଗିରିଶ ହେଉଛନ୍ତି ବଡ଼। ବନ୍ତଲା ସରକାରୀ ହାଇସ୍କୁଲରୁ ସେ ଅଷ୍ଟମ ଶ୍ରେଣୀରେ ପାସ କରିବା ପରେ ବାପା ଆଉ ତାଙ୍କୁ ପଢ଼ାଇପାରି ନ ଥିଲେ। ପରିବାର ଚଳିବା କଷ୍ଟକର ହେଉଥିବାରୁ ଗିରିଶ ଗାଁ ଛକରେ ୧୯୯୩ରେ ଏକ ଦୋକାନ ଖୋଲିଲେ। ପ୍ରଥମେ ଗୋଟିଏ କଡା ପାନ ପତ୍ର ଓ କିଛି ମସଲା ସହ ବିସ୍କୁଟ, ଚକୋଲେଟରେ ବ୍ୟବସାୟ ଆରମ୍ଭ କଲେ। ତାଙ୍କ ହାତ ପ୍ରସ୍ତୁତ ପାନ ଲୋକଙ୍କ ପସନ୍ଦ ଆସିବାରୁ ଦୁଇ ମାସ ପରେ ଦିନକୁ ୩୦ କଡା ପାନ ବିକ୍ରି କଲେ। ଏବେ ବ୍ୟବସାୟ ଢେର ବଢ଼ିଛି। ଦୈନିକ ଲାଗୁଆ ଗ୍ରାହକଙ୍କ ସଂଖ୍ୟା ଦୁଇ ଶହରେ ପହଞ୍ଚିଛି। ସେମାନଙ୍କ ପାଇଁ ଆଗୁଆ ପାନ ତିଆରି କରିବା ଦୈନିକ ଗିରିଶଙ୍କ ଏକ ମୁଖ୍ୟ କାମ ହୋଇଯାଇଛି। ଦୀର୍ଘ ୨୭ ବର୍ଷର ଏହି ବ୍ୟବସାୟରୁ ସେ ପରିବାର ପାଇଁ ବେଶ୍ କିଛି କରିପାରିଛନ୍ତି। ନିଜେ ବିବାହ କରିବା ସହ ଦୁଇ ଭାଇଙ୍କ ବାହାଘର କରାଇଛନ୍ତି। ତିନି ଗୁଣ୍ଠ ଘରଡିହ କିଣି ଘର ନିର୍ମାଣ କରିଛନ୍ତି। ବଡ଼ ପୁଅ ସୋନସ୍କ ପ୍ରସାଦ ସାହୁ ଏବେ ରେଭେନ୍‌ଶାରେ ଯୁକ୍ତ ତିନି ବିଜ୍ଞାନ ଛାତ୍ର। ଆଇଏଏସ୍ ପରୀକ୍ଷା ପାଇଁ ମଧ୍ୟ ପୁଅ ପ୍ରସ୍ତୁତି କରୁଛି। ସାନ ପୁଅ ଦେବ ପ୍ରସାଦ ଅଷ୍ଟମ ଶ୍ରେଣୀରେ ପଢୁଛି। ପାନ ଦୋକାନ ତାଙ୍କୁ ସମାଜରେ ପରିଚୟ ଦେଇଥିବା ଗିରିଶ କହିଛନ୍ତି।

ରିପୋର୍ଟ : ଦୀନେଶ ଦେହୁରୀ

# ତମାଖୁ ବର୍ଜନ ନିମନ୍ତେ ଶପଥ




ଏନ୍‌ଟିପିସି କର୍ମଚାରୀମାନେ ଶପଥପାଠ କରୁଛନ୍ତି।

ତାଳଚେର, ୩୧।୫(ନି.ପ୍ର.)

ଏନ୍‌ଟିପିସି କଣିହାଁ ପକ୍ଷରୁ ବିଶ୍ୱ ତମାଖୁ ନିରାକରଣ ଦିବସ ପାଳିତ ହୋଇଯାଇଛି। ଏନ୍‌ଟିପିସି ହସ୍ପିଟାଲର ସିଏମ୍‌ଓ ଆର.କେ. ମିଶ୍ର, ବରିଷ୍ଠ ବିଶେଷଜ୍ଞ ଏସ୍.କେ. ପୂଜାରୀ, ଏସ୍.କେ. ବେହେରା ପ୍ରମୁଖ ତମାଖୁର ଭୟାବହତା ସମ୍ପର୍କରେ ଅବଗତ କରାଇଥିଲେ। ତମାଖୁ ବର୍ଜନ ନିମନ୍ତେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡାକ୍ତର, କର୍ମଚାରୀ, ନର୍ସମାନେ ଅଂଶ ଗ୍ରହଣ କରିଥିଲେ। ୩୦ ଜଣ ଶ୍ରମିକ ତମାଖୁ ବର୍ଜନ ପାଇଁ ସେମାନଙ୍କ ସହମତି ପ୍ରକାଶ କରିଥିଲେ। ହସ୍ପିଟାଲ ପରିସରରେ ତମାଖୁ ନିରାକରଣ କେନ୍ଦ୍ର ଖୋଲା ଯାଇଛି। ଆଗ୍ରହୀ ବ୍ୟକ୍ତି ସୁସ୍ଥ ରହିବା ନିମନ୍ତେ ଏହାର ସହାୟତା ନେଇ ପାରିବେ ବୋଲି ଏନ୍‌ଟିପିସି ପକ୍ଷରୁ କୁହାଯାଇଛି।

# ପ୍ରଧାନ ଶିକ୍ଷକଙ୍କ ଅବସର ଗ୍ରହଣ

ଅନୁଗୋଳ ଅଫିସ, ୩୧।୫

ଅନୁଗୋଳ ସହର ଉପକଣ୍ଠ କୁମଣ୍ଡ ଜରାସିଂହା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରୁଣ କୁମାର ଦେହୁରୀ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଚାକିରିକାଳ ମଧ୍ୟରେ ସେ ଅବିଭକ୍ତ ଢେଙ୍କାନାଳ ଜିଲାର ବିଭିନ୍ନ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଓ ଆଠମଲ୍ଲିକ ଶିକ୍ଷା ଅଧିକାରୀ ଭାବେ ନିୟୋଜିତ ହୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରିପାରିଥିଲେ। ବିଦ୍ୟାଳୟରେ ଶୃଙ୍ଖଳା ଓ ଗୁଣାତ୍ମକ ଶିକ୍ଷାଦାନ ଉପରେ ସର୍ବଦା ଗୁରୁତ୍ୱ ଦେଉଥିବାରୁ ସ୍ଥାନୀୟ ଶିକ୍ଷା ପ୍ରେମୀଙ୍କ ଦ୍ୱାରା ସେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି।

# ଆମ ପୋଲିସ ସମିତି ବୈଠକ

କଣିହାଁ, ୩୧।୫(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଟ ଥାନା ତରଫରୁ ଗୁରୁବାର ଅପରାହ୍ନରେ ଶୁଶୁବା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦେବରାଜ ସାମଲ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଲୋକଙ୍କ ସମସ୍ୟା ସମାଧାନ ଉପରେ ଆଲୋଚନା କରିଥିଲେ। ପୋଲିସ ଓ ଜନସାଧାରଣଙ୍କ ସହଯୋଗରେ ଅପରାଧ ରୋକାଯାଇ ପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା।

## ଜିଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ତାଣ୍ଡବ

# ଘରେ ପଶିଲା ପାଉଁଶ, କୋଇଲା ଗୁଣ୍ଡ

- ବହୁ ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା
- ଚାଳ, ଆଜବେଷ୍ଟସ ଘର କ୍ଷତିଗ୍ରସ୍ତ

ବଅଁରପାଳ/କଣିହାଁ/ଛେଣ୍ଡିପଦା/ପବିତ୍ରନଗର/ପାଲଲହଡ଼ା, ୩୧।୫(ଡି.ଏନ.ଏ.)

ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ରଚିଛି। ଜୋରଦାର ପବନ ଯୋଗୁ ଦୀର୍ଘ ସମୟ ଧରି ନାଲ୍‌କୋ, ଏନ୍‌ଟିପିସି ପାଉଁଶ ପୋଖରୀରୁ ପାଉଁଶ ଓ ଖଣି ଅଞ୍ଚଳରୁ କୋଇଲା ଗୁଣ୍ଡ ଉଡି ଅଞ୍ଚଳକୁ ପ୍ରଦୂଷିତ କରିଦେଇଥିଲା। ସେହିପରି ଅନେକ ସ୍ଥାନରେ ବହୁ ବଡ଼ ବଡ଼ ଗଛ ଡାଳ ଭାଙ୍ଗିବା ସହ ବହୁ ଚାଳ, ଆଜବେଷ୍ଟସ ଛପର ଉଡ଼ାଇ ନେଇଛି। ରାସ୍ତାଘାଟରେ ଗଛ ପଡିବା ସହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।

ବଅଁରପାଳ ଅଞ୍ଚଳରେ ଜୋରଦାର ପବନ ଯୋଗୁ ନାଲ୍‌କୋ ଆଶ୍‌ପଣ୍ଡରୁ ପ୍ରାୟ ଘଣ୍ଟାଏ ଧରି ପାଉଁଶ ଉଡ଼ିଥିଲା। ଏଥିଯୋଗୁ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଅସୁବିଧା ଭୋଗିଥିଲେ। ସ୍ଥାନୀୟ ଲୋକଙ୍କ ଘର, କୂଅ, ପୋଖରୀ ଆଦିରେ ପାଉଁଶ ଉଡି ପଶି ଯାଇଥିଲା। ଆଶ୍‌ପଣ୍ଡ ନିକଟସ୍ଥ ବଳରାମ ପ୍ରସାଦ, କୁକୁଡ଼ାଙ୍ଗ, କୁରୁଡୋଲ, ଟେଣ୍ଟୋଲୋଇ, ଗିରାଙ୍ଗ, କୁଲାଡ଼, ନାଲ୍‌କୋ ୩ ମହଲା ଅଞ୍ଚଳରେ ବହୁମାତ୍ରାରେ ପାଉଁଶ ଗୁଣ୍ଡ ଉଡିଥିଲା। ନାଲ୍‌କୋ କାଣ୍ଡସରଠାରେ ରାସ୍ତାରେ ଯାଉଥିବା ଏକ ଅଟୋ ପବନରେ ଓଲଟି ପଡିଥିଲା। ନାଲ୍‌କୋ କଲୋନୀରେ ବହୁ ଗଛ ଭାଙ୍ଗି ରାସ୍ତାରେ ପଡିଥିଲା। କଲୋନୀର ରଜତ ବିଶ୍ୱାଳଙ୍କ କାର୍ ଉପରେ ଗଛ ଡାଳ ପଡିବାରୁ ଗାଡି ସମ୍ମୁଖ ଭାଗ ଭାଙ୍ଗି ଯାଇଛି। ସେହିପରି ୨ ଦିନ ହେଲା କଣିହାଁ ଅଞ୍ଚଳରେ କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏନ୍‌ଟିପିସି ଆଶ୍‌ପଣ୍ଡରୁ ପାଉଁଶ, କୋଇଲା ଗୁଣ୍ଡ ଉଡୁଥିବାରୁ କଣିହାଁ ଓ ରେଙ୍ଗାଳି ଥାନା ଅଞ୍ଚଳର ଲୋକେ ପ୍ରଦୂଷଣରେ ଅଥୟ ହୋଇଯାଇଛନ୍ତି। ଗୁରୁବାର ଝଡପବନରେ ଏଠାରେ ବହୁ ଲୋକେ କ୍ଷତିଗ୍ରସ୍ତ ହୋଇଥିବାବେଳେ ଶୁକ୍ରବାର ପୁଣି କାଳବୈଶାଖୀରେ ଅନେକ ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତାରେ ପଡିଛି। ଲୋକଙ୍କ ଚାଳ ଛପର, ଆଜବେଷ୍ଟସ ଘର କ୍ଷତିଗ୍ରସ୍ତ ହୋଇଛି। ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଖବରଲେଖା ହେବା ସୁଦ୍ଧା ପବନ ସହ ବର୍ଷା ଲାଗିରହିଛି। ଛେଣ୍ଡିପଦା ବ୍ଲକର ବିଭିନ୍ନ ଅଞ୍ଚଳରେ ମଧ କାଳବୈଶାଖୀ ଯୋଗୁ ଅନେକ ଲୋକଙ୍କ ଚାଳ, ଆଜବେଷ୍ଟସ, ଟାଇଲ ଛପର ଆଦି ଉଡିଯାଇଛି। କେତେକ ସ୍ଥାନରେ ରାସ୍ତା ଉପରେ ବଡ ବଡ ଗଛ ମଧ ଭାଙ୍ଗି ପଡିରହିଛି। ଛେଣ୍ଡିପଦାରୁ ନାକିଟିଦେଉଳ ଯାଇଥିବା ନୂତନ ଜାତୀୟ ରାଜପଥର ଖମାର ଗ୍ରାମ ନିକଟରେ ଗଛ ପଡି ଯାତାୟାତ ବାଧାପ୍ରାପ୍ତ ହୋଇଛି। ଫଳରେ ଉଭୟ ପାର୍ଶ୍ୱରେ ଅନେକ ଗାଡ଼ିମୋଟର ଅଟକି ରହିଛି। ପାଟକମୁଣ୍ଡା, କମ୍ପସଲା, ସନ୍ତରାବନ୍ଧ, ବ୍ରାହ୍ମଣବିଲ ଆଦି ଅଞ୍ଚଳରେ ବିଶେଷ କ୍ଷୟକ୍ଷତି ଘଟିଛି। ବିଶେଷକରି ଆମ୍ବ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି।

ପବିତ୍ରନଗରଠାରେ ମଧ ଗୁରୁବାର ପରି ଶୁକ୍ରବାର ସନ୍ଧ୍ୟାରେ ଝଡ଼ପବନ ଯୋଗୁ ଲୋକଙ୍କ ଦୁର୍ଦ୍ଦଶା ବଢିଛି। ଅଞ୍ଚଳରେ ପ୍ରାୟ ଦେଢଶହରୁ ଊର୍ଦ୍ଧ୍ୱ ଚାଳଛପର ଘର କ୍ଷତିଗ୍ରସ୍ତ ହୋଇଥିବା ରାଜସ୍ୱ ବିଭାଗର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡିବା ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ବିଭାଗର ବହୁ କର୍ମଚାରୀ ଫନୀ ପ୍ରଭାବିତ ଅଞ୍ଚଳରେ ଡେପୁଟେଶନରେ ଯାଇଥିବାରୁ ଏଠାରେ କାମ ସ୍ୱାଭାବିକ ହୋଇପାରୁନାହିଁ। ଏ ନେଇ ପରାବିଲ ସେକ୍ସନ ରାଜସ୍ୱ ନିରୀକ୍ଷକ କାର୍ତ୍ତିକ ସାହୁ କହିଛନ୍ତି, ଦେଢଶହରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଛି। ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ପାଲ ଯୋଗାଇ ଦିଆଯାଇଛି। କ୍ଷୟକ୍ଷତି ଆକଳନ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ।

ସେହିପରି ପାଲଲହଡ଼ା ଉପଖଣ୍ଡରେ ଗୁରୁବାର କାଳବୈଶାଖୀ ଯୋଗୁ ୧୦ରୁ ଊର୍ଦ୍ଧ୍ୱ ଘର ସହ ବହୁ ଗଛ ଭାଙ୍ଗିଯାଇଛି। ପାଲଲହଡ଼ା ଓ ଖମାର ଅଞ୍ଚଳରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ରାସ୍ତାରେ ପଡିଥିଲା। ସମ୍ପୂର୍ଣ୍ଣ ବ୍ଲକରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା। ପାଲଲହଡ଼ା ମହାବିଦ୍ୟାଳୟ ଶ୍ରେଣୀଗୃହ ଛପର ଉଡିଯାଇଥିବାବେଳେ ଗଛ ପଡି ବ୍ୟାପକ କ୍ଷୟକ୍ଷତି ହୋଇଛି। ସେହିପରି ଖମାର ସମବାୟ ସମିତି କାର୍ଯ୍ୟାଳୟ ଉପରେ ଗଛ ପଡିବାରୁ କାର୍ଯ୍ୟାଳୟଟି ଭାଙ୍ଗିରୁଜି ଯାଇଛି। ପାଲଲହଡା ଦେଇ ଯାଇଥିବା ଦୁଇଟି ଜାତୀୟ ରାଜପଥ ଉପରେ ଗଛ ପଡିଯିବାରୁ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ପହଞ୍ଚି ଗଛକୁ ରାସ୍ତା ଉପରୁ ହଟାଇଥିଲା। ଖବରଲେଖା ହେବା ସୁଦ୍ଧା ଅନେକ ସ୍ଥାନରେ ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ ହୋଇପାରି ନାହିଁ।



ପାଲଲହଡ଼ା ମହାବିଦ୍ୟାଳୟ ଶ୍ରେଣୀଗୃହ ଛପର ଉଡିଯାଇଛି।



ଛେଣ୍ଡିପଦା ଖମାର ଗ୍ରାମ ନିକଟ ରାଜପଥରେ ଗଛ ପଡ଼ିଛି।



ପବିତ୍ରନଗର ମହୀଧରପୁର ବିଦ୍ୟାଳୟ ଗୃହ ଛପର କ୍ଷତିଗ୍ରସ୍ତ ହୋଇଛି।



ବଅଁରପାଳ ନାଲ୍‌କୋ କଲୋନୀ ମଧ୍ୟରେ ପଡ଼ିଥିବା ଗଛ।

## ସଂକ୍ଷେପରେ

### ଆଜି ଢେଙ୍କାନାଳ ଆସିବ କଳ୍ପନାଙ୍କ ପାର୍ଥିବ ଶରୀର



**ଢେଙ୍କାନାଳ ଅଫିସ, ୩୧।୫:** ଏଭରେଷ୍ଟ ଆରୋହୀ କଳ୍ପନା ଦାଶଙ୍କ ପାର୍ଥିବ ଶରୀର ଶନିବାର ରାତିରେ ଢେଙ୍କାନାଳରେ ପହଞ୍ଚିବ ବୋଲି ତାଙ୍କ ପୁତୁରା ଗୌରୀଶଙ୍କର ଦାଶ ସୂଚନା ଦେଇଛନ୍ତି। ବାଲ୍‌କୋନୀ ଏରିଆରୁ ମୃତଦେହ କାଠମାଣ୍ଡୁ ଅଣାଯିବା ପରେ ସେଠାରେ ବ୍ୟବଚ୍ଛେଦ କରାଯାଇଛି। ଅନ୍ୟାନ୍ୟ କାଗଜପତ୍ର କାମ ଶେଷ ହେବାପରେ ଶନିବାର ଅପରାହ୍ନ ୩ଟା ୩୫ରେ ମରଶରୀର କାଠମାଣ୍ଡୁରୁ ବିମାନ ଯୋଗେ ନୂଆଦିଲ୍ଲୀ ଅଣାଯିବ। ସନ୍ଧ୍ୟା ୮ଟା ୫୫ ସୁଦ୍ଧା ଭୁବନେଶ୍ୱର ବିମାନ ବନ୍ଦରରେ ମୃତଦେହ ପହଞ୍ଚିବ। ସେଠାରୁ ମରଶରୀର ଢେଙ୍କାନାଳ ଅଣାଯିବ। କଳ୍ପନାଙ୍କ ଭାଇ ପ୍ରଦୀପ ଦାଶଙ୍କ ସମେତ ଅନ୍ୟ ୨ଜଣ ସହଯୋଗୀ ମୃତଦେହ ସହ ଆସୁଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

### ଦୁର୍ଦ୍ଦାନ୍ତ ଅପରାଧୀ ଜଳଧର ଗିରଫ



**ଭୁବନ ୩୧।୫(ଡି.ଏନ.ଏ.):** ଭୁବନ ପୋଲିସ ମୁଣ୍ଡବ୍ୟଥା ବଢ଼ାଇଥିବା ଦୁର୍ଦ୍ଦାନ୍ତ ଅପରାଧୀ ଜଳଧର ସାମଲ (୩୫) ଧରାପଡ଼ିଛନ୍ତି। ଶୁକ୍ରବାର ତାଙ୍କୁ ମୃଦଙ୍ଗା ନିକଟ କାଜୁ ଜଙ୍ଗଲରୁ ଗିରଫ କରାଯାଇଛି। ଘଟଣାସ୍ଥଳରୁ ଏକ ବୋଲେରୋ, ୨ଟି ବାଇକ୍ ଏବଂ ଗୋଟିଏ ଖଣ୍ଡା ଜବତ କରାଯାଇଛି। ଜଳଧର ମୃଦଙ୍ଗା ହାଟଛକରେ ଦୀର୍ଘଦିନ ଧରି ବେଆଇନ ମଦ ବ୍ୟବସାୟ କରି ଆସୁଥିଲେ। ସୂଚନା ପାଇ ଅବକାରୀ ବିଭାଗ ଏବଂ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଉକ୍ତ ସମୟରେ ବନ୍ଧୁକ ଦେଖାଇ ଖସି ପଳାଇବାରେ ସକ୍ଷମ ହୋଇଥିଲେ ଜଳଧର। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ନଂ.୧୦୨/୧୯ରେ ମାମଲା ରୁଜୁ କରାଯାଇଥିଲା। ମୃଦଙ୍ଗା କାଜୁ ଜଙ୍ଗଲରେ ଜଳଧର ଲୁଚି ରହିଥିବା ସୂଚନାପାଇ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଭୁବନ ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ, କାମାକ୍ଷାନଗର ଥାନାଧିକାରୀ ନିରଞ୍ଜନ ସେଠୀ ପ୍ରମୁଖ ସଦଳବଳ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ। ଜଳଧରଙ୍କ ନାମରେ ଭୁବନ ଥାନାରେ ୧୯ଟି ଆପରାଧିକ ମାମଲା ରହିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ନଂ. ୧୧୬/୧୯, ୫୨୦(ଆଇ) ଅନୁଯାୟୀ ଅବକାରୀ ଦଫାରେ ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି।

### ଚେତିଲା ଅଗ୍ନିଶମ ବିଭାଗ
### ୮ କୋଚିଂ ସେଣ୍ଟରକୁ ଜାରିହେଲା ନୋଟିସ

**ଢେଙ୍କାନାଳ ଅଫିସ, ୩୧।୫:** ସୁରଟ କୋଚିଂ ସେଣ୍ଟର ଫାୟାର ଟ୍ରାଜେଡି ପରେ ଢେଙ୍କାନାଳ ଅଗ୍ନିଶମ ବିଭାଗର ଚେତା ପଶିଛି। ପ୍ରାଥମିକ ପର୍ଯ୍ୟାୟରେ ସହରର ୮ କୋଚିଂ ସେଣ୍ଟରକୁ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ସହରର ଗଳିକନ୍ଦିରେ କୋଚିଂ ସେଣ୍ଟର ଗଢ଼ିଉଠିଛି। ଏଠାକାର ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ଜିଲା ପ୍ରଶାସନ, ଶିକ୍ଷା ବିଭାଗ କିମ୍ବା ଅଗ୍ନିଶମ ବିଭାଗ ପାଖରେ କୌଣସି ତଥ୍ୟ ନାହିଁ। ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ଗାଇଡ୍‌ଲାଇନ ମଧ ଜାରି କରାଯାଇନାହିଁ। ସୁରଟ ଅଗ୍ନିକାଣ୍ଡରେ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିବା ପରେ ଲୋକ ଦେଖାଣିଆ ଭାବେ ଏପରି ନୋଟିସ ଜାରି କରାଯାଇଥିବା ଚର୍ଚ୍ଚା ହେଉଛି। ସହରରେ ଶତାଧିକ କୋଚିଂ ସେଣ୍ଟର ଚାଲିଥିବା ବେଳେ ମାତ୍ର ୮ଟିକୁ ନୋଟିସ କରାଯିବା ଘଟଣାକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ। ଏ ସଂକ୍ରାନ୍ତରେ ଜିଲା ଅଗ୍ନିଶମ ଅଧିକାରୀ ଉମାକାନ୍ତ ନାୟକ କୁହନ୍ତି, ସୁରଟ ଅଗ୍ନିକାଣ୍ଡ ପରେ ନିରାପତ୍ତା ଓ ସୁରକ୍ଷାକୁ ନେଇ ୮ କୋଚିଂ ସେଣ୍ଟରକୁ ନୋଟିସ ଜାରି ହୋଇଛି। ଜିଲାରେ ବହୁ କୋଚିଂ ସେଣ୍ଟର ଚାଲିଥିବାବେଳେ ଅତି କଷ୍ଟରେ ମାତ୍ର ୧୮ଟି ସମ୍ପର୍କରେ ସୂଚନା ମିଳିଛି। ଅନ୍ୟ କୋଚିଂ ସେଣ୍ଟରଗୁଡ଼ିକୁ ଶୀଘ୍ର ନୋଟିସ ପଠାଯିବ। ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରି ସେମାନେ ଆବେଦନ କଲେ ପ୍ରମାଣପତ୍ର ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

---

■ଝୁଣ୍ଟିଛି ବାଜି ରାଉତ ସମନ୍ୱିତ ସାମାଜିକ ଗୃହ ନିର୍ମାଣ ଯୋଜନା

# ଆବଣ୍ଟନଗ୍ରାହୀଙ୍କୁ ମିଳୁନି ଘର

**ଢେଙ୍କାନାଳ ଅଫିସ, ୩୧।୫**

ଢେଙ୍କାନାଳ ମହିଷାପାଟ ନିକଟରେ ରାଜ୍ୟ ହାଉସିଂ ବୋର୍ଡ ପକ୍ଷରୁ ବାଜି ରାଉତ ସମନ୍ୱିତ ସାମାଜିକ ଗୃହ ନିର୍ମାଣ ଯୋଜନାରେ ଘର ନିର୍ମାଣ କରାଯାଉଛି। ହେଲେ ପ୍ରଥମ ପର୍ଯ୍ୟାୟ ଆବଣ୍ଟନଗ୍ରାହୀଙ୍କୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଘର ହସ୍ତାନ୍ତର କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ସେମାନେ ବିଭାଗୀୟ ସଚିବଙ୍କୁ ଭେଟି ଫେରାଦ ହୋଇଛନ୍ତି।

ପ୍ରକଳ୍ପ ଅଧୀନରେ ୩୯ ଏଚ୍‌ଆଇଜି, ୭୪ ଏମ୍‌ଆଇଜି ଏବଂ ୪୬ ଏଲ୍‌ଆଇଜି ଘର ବିକ୍ରି ଲାଗି ୨୦୧୧ ଡିସେମ୍ବରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବୋର୍ଡର ଦାବି ଅନୁଯାୟୀ ଘର କିଣିବାକୁ ଇଚ୍ଛୁକ ଲୋକେ ୨୦୧୪ ସେପ୍ଟେମ୍ବର ସୁଦ୍ଧା ୬ କିସ୍ତିରେ ସମସ୍ତ ଟଙ୍କା ଦେଇଥିଲେ। ସର୍ତ୍ତ ଅନୁଯାୟୀ ୨୦୧୪ରେ ଉକ୍ତ ବାସଗୃହ ହସ୍ତାନ୍ତର କରାଯିବା କଥା।



ଆବଣ୍ଟନଗ୍ରାହୀମାନେ ଗୃହ ନିର୍ମାଣ ସଂସ୍ଥା ସଚିବଙ୍କୁ ଭେଟି ଅଭିଯୋଗ କରୁଛନ୍ତି।

■ଅବଧିଠାରୁ ଗଡ଼ିଲାଣି ୫ବର୍ଷ
■୧୨୩ ହିତାଧିକାରୀ ନିରାଶ
■ସଚିବଙ୍କୁ ଭେଟି ଫେରାଦ ହେଲେ

କିନ୍ତୁ ନିର୍ଦ୍ଧାରିତ ସମୟ ସୀମାଠାରୁ ୫ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ସୁଦ୍ଧା ରାଜ୍ୟ ହାଉସିଂ ବୋର୍ଡ ପକ୍ଷରୁ ଘର ହସ୍ତାନ୍ତର ମଧ କରାଯାଉନାହିଁ କିମ୍ବା କାର୍ଯ୍ୟର ସ୍ଥିତି ସମ୍ପର୍କରେ କୌଣସି ସୂଚନା ଦିଆଯାଉନାହିଁ। ଏଥିରେ ନିରାଶ ହୋଇ ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରୁ ଆରମ୍ଭ କରି ଗୃହ ନିର୍ମାଣ ସଂସ୍ଥା ଅଧକ୍ଷ ଏବଂ ସଚିବଙ୍କୁ ବାରମ୍ବାର ଭେଟି ଫେରାଦ ହୋଇଥିଲେ। ଏହାପରେ ଗୃହ ନିର୍ମାଣ ସଂସ୍ଥା ପୁଣି ୨୦ରୁ ୨୨ ପ୍ରତିଶତ ଅଧିକ ଅର୍ଥ ଦାବି କରୁଛି। ଏଥିରେ ୧୪.୪୫% ଅଗ୍ରିମ ସୁଧ କଷିଛି। ନିର୍ଦ୍ଧାରିତ ସମୟର ୫ବର୍ଷ ପରେ ଘର ଦିଆ ନ ଯିବା ଏବଂ ପୁଣି ଥରେ ମୂଲ୍ୟ ବୃଦ୍ଧି କରାଯିବାକୁ ନାପସନ୍ଦ କରିଛନ୍ତି ଆବଣ୍ଟନଗ୍ରାହୀ। ଏ ନେଇ ସେମାନେ ବାଜି ରାଉତ ଆବାସିକ ସଂଘ ନାମକ ଏକ ସଙ୍ଗଠନ ଗଠନ କରି ଭୁବନେଶ୍ୱର ଖାରବେଳନଗରସ୍ଥିତ ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟରେ ସଚିବଙ୍କୁ ଭେଟି ଫେରାଦ ହୋଇଛନ୍ତି। ଗୃହ ନିର୍ମାଣକାରୀ ସଂସ୍ଥାର ତ୍ରୁଟି ପାଇଁ ଆବଣ୍ଟନଗ୍ରାହୀ କାହିଁକି ଦଣ୍ଡ ଭୋଗିବେ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରି ଘର ହସ୍ତାନ୍ତର କରିବାକୁ ସଚିବଙ୍କ ନିକଟରେ ଦାବି କରାଯାଇଥିବା ସଂଘ ସଭାପତି ଗୋପାଳ ଚନ୍ଦ୍ର ସାହୁ ଏବଂ ସମ୍ପାଦକ ରୋହିତ ଦାସ କହିଛନ୍ତି।

---

ସେଲ୍‌ଫି କର୍ଣ୍ଣର



@ ଅଭୟ



@ ବିଶ୍ୱ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

---

■ଫନୀ ବିପନ୍ନଙ୍କୁ ସହାୟତା

## ଶିକ୍ଷକ ସଂଘ ଦେଲା ୮୨,୨୦୦ ଟଙ୍କା




ଭୁବନ ଶିକ୍ଷକ ସଂଘ ପକ୍ଷରୁ ବାତ୍ୟାବିପନ୍ନଙ୍କ ଉଦ୍ଦେଶ୍ୟରେ ସହାୟତା ସମ୍ପର୍କିତ ଚେକ୍ ପ୍ରଦାନ କରାଯାଉଛି।

**ଭୁବନ, ୩୧।୫(ଡି.ଏନ.ଏ.)**

ଭୁବନ ଶିକ୍ଷକ ସଂଘ ପକ୍ଷରୁ 'ଫନୀ' ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି। ଆଦାୟ କରାଯାଇଥିବା ୮୨,୨୦୦ ଟଙ୍କାର ସହାୟତା ଚେକ୍ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଆପତ୍‌କାଳୀନ ପାଣ୍ଠିକୁ ପଠାଯାଇଛି।

ଏହି ଅବସରରେ ଆଗାମୀ ଶିକ୍ଷାବର୍ଷରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଏଥିସହ ବିଇଓ କାର୍ଯ୍ୟାଳୟର କର୍ମଚାରୀ ସନ୍ତୋଷ କୁମାର ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

ବିଇଓ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି ସିଆର୍‌ସିସି ଶତ୍ରୁଘ୍ନ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସିଆର୍‌ସିସି ଯୁଧିଷ୍ଠିର ବେହେରା, ଉତ୍କଳମଣି ବେହେରା, ପ୍ରଜିତ କିଶୋର ସାହୁ, ନୃସିଂହ ଚରଣ ମିଶ୍ର, ଦୀପ୍ତିରଞ୍ଜନ ଦାସ, ରଞ୍ଜନ ବିଶ୍ୱାଳ, ତ୍ରିଲୋଚନ ଦଳେଇ, କିଶୋର ଚନ୍ଦ୍ର ସାହୁ, ପ୍ରଭାସ ବେହେରା, ଦୁଷ୍ମନ୍ତ ବେହେରା, ଅଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସିଆର୍‌ସିସି ଅବନୀ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

---

## 'ରାଜ୍ୟର ବିକାଶ ଆଗେଇବ'

**ଢେଙ୍କାନାଳ ଅଫିସ, ୩୧।୫**

କେନ୍ଦ୍ର ମନ୍ତ୍ରିମଣ୍ଡଳରେ ୨ଜଣ ଓଡ଼ିଆ ସ୍ଥାନ ପାଇଛନ୍ତି। ରାଜ୍ୟସଭାକୁ ନିର୍ବଚିତ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତି ପୁନର୍ବାର ଆସ୍ଥା ପ୍ରକଟ କରିଛନ୍ତି ମୋଦି ସରକାର। ତାଙ୍କୁ କ୍ୟାବିନେଟ ପାହ୍ୟା ଦିଆଯାଥିବାବେଳେ ପେଟ୍ରୋଲିୟମ୍, ପ୍ରାକୃତିକ ବାଷ୍ପ, ଇସ୍ପାତ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ମିଳିଛି। ସେହିପରି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିଛି। ତାଙ୍କୁ ଏମ୍‌ଏସ୍‌ଏମ୍‌ଇ, ପ୍ରାଣୀ ଏବଂ ମତ୍ସ୍ୟ ସମ୍ପଦ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ଏହାକୁ ନେଇ ଢେଙ୍କାନାଳ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ତଥା ସୌରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଓଡ଼ିଶାରୁ ୨ଜଣ କେନ୍ଦ୍ରମନ୍ତ୍ରୀ ହୋଇଥିବାରୁ ରାଜ୍ୟର ବିକାଶ ଆଗେଇବ ବୋଲି ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ଉପସଭାପତି ନବକିଶୋର ଗୁରୁ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ରାମଚନ୍ଦ୍ର ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ନରେଶ ଚନ୍ଦ୍ର ମହାପାତ୍ର, ସୁନୀଲ ଶର୍ମା, ଶତ୍ରୁଘ୍ନ ଜେନା ପ୍ରମୁଖ କହିଛନ୍ତି।

---

■ଜନବସତିରେ ପଶିଲା ଭାଲୁ

## ଆକ୍ରମଣରେ ବୃଦ୍ଧ ଗୁରୁତର

**କାମାକ୍ଷାନଗର, ୩୧।୫(ଡି.ଏନ୍.ଏ.)**

■ଅଞ୍ଚଳବାସୀଙ୍କ ମଧରେ ଆତଙ୍କ
■ନଜର ରଖିଛି ବନ ବିଭାଗ

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ଭିତରକୁ ପଶି ଆସିଥିବା ଏକ ଭାଲୁକୁ ନେଇ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଭାଲୁ ଆକ୍ରମଣରେ ଆହତ ହୋଇଛନ୍ତି ଭୁଲୁ ନାଏକ (୬୫)। ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଭୋର ସମୟରେ ଉକ୍ତ ଭାଲୁ କାମାକ୍ଷାନଗର କଲେଜ ନିକଟରୁ ଶରଧାପୁର ଏବଂ ଦିଗୋଡ଼ିଆ ସାହି ଭିତରକୁ ପଶି ଆସିଥିଲା। ଭୁଲୁଙ୍କ ଝିଅ ଅଗଣା ଓଳାଉଥିବାବେଳେ ଭାଲୁକୁ ଦେଖି ଚିତ୍କାର କରିଥିଲେ। ଝିଅକୁ ଉଦ୍ଧାର କରିବାକୁ ଯାଇ ଭୁଲୁ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଏହାପରେ ରକ୍ତମୁଖା ଭାଲୁ କଲେଜ ଆଡ଼କୁ ପଳାଇଥିଲା।

ସୂଚନାପାଇ ପୂର୍ବାଞ୍ଚଳ ରେଞ୍ଜ ଅଧିକାରୀ ସତ୍ୟନାରାୟଣ ସାହୁଙ୍କ ନେତୃତ୍ୱରେ ବନ କର୍ମଚାରୀ ପହଞ୍ଚି ଭାଲୁକୁ ଖୋଜାଖୋଜି କରିଥିଲେ ମଧ ତାହାର ସନ୍ଧାନ ମିଳିପାରିନାହିଁ। ଗୁରୁତରଙ୍କୁ ବନ ବିଭାଗ ପକ୍ଷରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଜନବସତିରେ ଭାଲୁ ପଶିବାକୁ ନେଇ ଆତଙ୍କ ଖେଳିଯାଇଛି।

## ଅଧ ଘଣ୍ଟା ବର୍ଷିଲା, ତାତିରୁ ଆଶ୍ୱସ୍ତି

**ଢେଙ୍କାନାଳ ଅଫିସ, ୩୧।୫**

ଖରାରେ ସିଝୁଥିବା ଢେଙ୍କାନାଳ ସହରବାସୀଙ୍କୁ ଆଶ୍ୱସ୍ତି ଦେଇଛି କାଳବୈଶାଖୀ ବର୍ଷା। ଶୁକ୍ରବାର ରାତି ୮ଟାରେ ଝଡ଼ତୋଫାନ ସହ ପ୍ରାୟ ଅଧଘଣ୍ଟା ଧରି ବର୍ଷିଥିଲା। ଏହାଯୋଗୁ ଉତ୍ତପ୍ତ ପରିବେଶ ଥଣ୍ଡା ହୋଇଛି। ଅନ୍ୟପଟେ ବର୍ଷାପବନ ଯୋଗୁ ୪୦ ମିନିଟ୍ ଧରି ବିଦ୍ୟୁତ୍ ବିଭ୍ରାଟ ହୋଇଥିଲା। ରାତି ୯ଟା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଛି।

---

## ନଳକୂପ ଅଚଳ, ପାଣି ପାଇଁ ହନ୍ତସନ୍ତ



ଅଚଳ ହୋଇପଡ଼ିଥିବା ନଳକୂପ।

**ଭାପୁର, ୩୧।୫(ଡି.ଏନ.ଏ.)**

ଢେଙ୍କାନାଳ ସଦର ବ୍ଲକ ଭାପୁର ବଜାର ୟୁକୋ ବ୍ୟାଙ୍କ ନିକଟରେ ଥିବା ନଳକୂପ ୨ମାସ ହେଲା ଅଚଳ ହୋଇପଡ଼ିଛି। ଅତ୍ୟାବଶ୍ୟକ ସ୍ଥାନରେ ନଳକୂପ ଅକାମୀ ହୋଇପଡ଼ିଥିବାରୁ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ଗ୍ରୀଷ୍ମ ପ୍ରବାହ ସମୟରେ ଜଳ ସଙ୍କଟ ଉତ୍କଟ ହେଉଥିବାବେଳେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଭାପୁର ବଜାରରେ ଥିବା ଉକ୍ତ ନଳକୂପ ଉପରେ ଦୈନିକ ବ୍ୟାଙ୍କ, ଫାଣ୍ଡିକୁ ଆସୁଥିବା ଶତାଧିକ ଜନସାଧାରଣ ନିର୍ଭର କରିଥାନ୍ତି। ଏଠାକାର ବ୍ୟବସାୟୀମାନେ ମଧ ଏଠାରୁ ପାଣି ନେଇଥାନ୍ତି। ନଳକୂପ ଅଚଳ ହୋଇପଡ଼ିବା ପରେ ପ୍ରତିକାର ସ୍ୱରୂପ ଉକ୍ତ ସ୍ଥାନରେ ଜଳଛତ୍ର ମଧ ଖୋଲାଯାଇନାହିଁ। ପଥଚାରୀମାନେ ପାଣି ମୁନ୍ଦାଏ ପାଇଁ ଡହଳବିକଳ ହେଉଛନ୍ତି। ଏ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ କରାଯିବା ସତ୍ତ୍ୱେ ସମସ୍ୟା ସମାଧାନ ହେଉ ନ ଥିବା ଗ୍ରାମବାସୀ କରିଛନ୍ତି। ପ୍ରଚଣ୍ଡ ଖରାରେ ଅଞ୍ଚଳବାସୀ ସନ୍ତୁଳି ହେଉଥିବାବେଳେ ନଳକୂପ ଅଚଳ ହେବା ବୋଝ ଉପରେ ନଳିତା ବଡ଼ା ସଦୃଶ ହୋଇଛି। ତୁରନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରିବାକୁ ସେମାନେ ଦାବି କରିଛନ୍ତି।

ଏ ନେଇ ସରପଞ୍ଚ ପୁଷ୍ପଲତା ଭୋଇ କୁହନ୍ତି, ଅଚଳ ହୋଇପଡ଼ିଥିବା ନଳକୂପ ମରାମତି ହୋଇପାରିବନାହିଁ। ଏହାର ନିକଟରେ ଆଉ ଏକ ନଳକୂପ ଖୋଳାଇବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଏହି ସ୍ଥାନରେ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ପଦକ୍ଷେପ ନିଆଯାଉଥିବା ସେ ସୂଚନା ଦେଇଛନ୍ତି।

---

## ବରଯାତ୍ରୀ ଗାଡ଼ି ଓଲଟି ୧ ମୃତ, ୨୬ ଆହତ

**ବେତନଟୀ,୩୧।୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ୧୮ନଂ ଜାତୀୟ ରାଜପଥର ତାରାକୋଠି ନିକଟରେ ଗୁରୁବାର ବିଳମ୍ବିତ ରାତିରେ ବରଯାତ୍ରୀ ନେଇ ଯାଉଥିବା ଏକ ପିକଅପ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭ୍ୟାନ ପୋଲ ତଳକୁ ଖସି ପଡିବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୬ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ବେତନଟୀ ଥାନା କାଠପାଳ ଗ୍ରାମର ବୈଦନାଥ ସିଂ। ଆହତଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନା ଓ ପରେ ବାରିପଦା ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଭ୍ୟାନ କାଠପାଳ ଗାଁରୁ କୁଳିଅଣା ଥାନା ଅଞ୍ଚଳକୁ ଯାଇଥିବା ବେଳେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ପୋଲ ତଳକୁ ଓଲଟି ପଡିଥିଲା। ସ୍ଥାନୀୟ ଯୁବକ ଓ ବେତନଟୀ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୈଦ୍ୟନାଥଙ୍କ ମୃତ୍ୟୁ ଘଟିଛି। ପୋଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଥାନାରେ ଏକ ମାମଲା(ନଂ. ୭୭/୨୦୧୯) ରୁଜୁ ହୋଇଛି। ଆହତ ବରଯାତ୍ରୀମାନେ ବେତନଟୀ, ବଡସାହି, ବାରିପଦା ଓ ବାଲେଶ୍ୱର ଜିଲାର ବୋଲି ସୂଚନା ମିଳିଛି।

---

## ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ନବନିର୍ବାଚିତ ବିଧାୟକ, ଏମ୍‌ପିଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୩୧।୫**

ଢେଙ୍କାନାଳ ଏବଂ ଅନୁଗୋଳ ଜିଲାର ନବନିର୍ବାଚିତ ଏମ୍‌ପି ଏବଂ ବିଧାୟକଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ ଢେଙ୍କାନାଳ ଜିଲା ବିଜେଡି ପକ୍ଷରୁ ସ୍ଥାନୀୟ ମିନିଷ୍ଟାଡିୟମ ପରିସରରେ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା।

ଖଣି, ଇସ୍ପାତ ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ତଥା କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍‌ପି ମହେଶ ସାହୁ, ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ ପାଲ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କୁ ଦଳୀୟ ସଙ୍ଗଠନ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରାରମ୍ଭରେ ଏମ୍‌ପି ଏବଂ ବିଧାୟକମାନେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଏବଂ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିପୂର୍ବରୁ ସ୍ଥାନୀୟ କଲେଜ ବାଇପାସ୍‌ଠାରୁ ନବନିର୍ବାଚିତ ପ୍ରତିନିଧିଙ୍କୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଦଳୀୟ କର୍ମୀମାନେ ପାଛୋଟି ଆଣିଥିଲେ। ବାଜିଚୌକସ୍ଥିତ ଶହୀଦ ମୀନାରଠାରେ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଶୋଭାଯାତ୍ରା ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ଢେଙ୍କାନାଳ ବିଧାନସଭା କ୍ଷେତ୍ର ଅଧୀନ ଭାପୁର ପଞ୍ଚାୟତରୁ ବିଜେଡିକୁ ଅଧିକ ଭୋଟ ମିଳିଛି। ଏଥିପାଇଁ ବିଧାୟକ ସୁଧୀର କୁମାର ସାମଲ ଉକ୍ତ ପଞ୍ଚାୟତକୁ ପୁରସ୍କୃତ କରିଥିଲେ।

ନଗର ବିଜେଡି ସଭାପତି ଇନ୍ଦ୍ରମଣି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଦେବାଶିଷ ମିଶ୍ର ସଂଯୋଜନା କରିଥିଲେ। ଜିଲା ସହ ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ହର୍ଷବର୍ଦ୍ଧନ ସିଂଦେଓଙ୍କ ସମେତ ବିଭିନ୍ନ ବ୍ଲକର ଅଧକ୍ଷା ଅଧକ୍ଷ ଉପସ୍ଥିତ ଥିଲେ।




## ନିର୍ମାଣ କାର୍ଯ୍ୟ ବେଳେ ଓଲଟିଲା ହାଇଡ୍ରା



**ଅନୁଗୋଳ ଅଫିସ, ୩୧।୫**

ଅନୁଗୋଳ ସରକାରୀ ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ବେଳେ ଶୁକ୍ରବାର ଏକ ହାଇଡ୍ରା କ୍ରେନ ଓଲଟି ପଡ଼ିଛି। ତେବେ ଗାଡ଼ି ଚାଳକ ଓ ନିକଟରେ ଥିବା ଶ୍ରମିକମାନଙ୍କ କିଛି କ୍ଷତି ହୋଇନାହିଁ। ବସ୍‌ଷ୍ଟାଣ୍ଡ ଉପରେ ସେଡ୍ କରାଯିବା ପାଇଁ ବଡ଼ ବଡ଼ ଲୁହା ପାଇପ୍ ଉଠାଯାଉଛି। ତଳେ ମାଟି ପକାଯାଇ ଉଚ୍ଚ କରାଯାଇଥିବା ବେଳେ ତାହା ଉପରେ ରହି ହାଇଡ୍ରା କ୍ରେନ୍ ପାଇପ୍ ସବୁ ଉଠାଉଥିଲା। ହେଲେ ଭାରାସାମ୍ୟ ହରାଇ ଗାଡ଼ିଟି ହଠାତ୍ ଓଲଟି ପଡ଼ିଥିଲା। ଫଳରେ ଉପରେ ଥିବା ଲୁହା ପାଇପ ସେଡ୍ ଭାଙ୍ଗିବା ସହ କ୍ରେନ୍‌ରେ ଲାଗିଥିବା ପାଇପ ମଧ୍ୟ ଅଟକି ରହିଛି। ଖବରପାଇ ପୋଲିସ ହାଉସିଂ ବୋର୍ଡର ଜେଇଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲା। ଜେଇ କହିଛନ୍ତି, ଅପରାହ୍ନରେ ପାଇପ୍ ଉପରକୁ ଉଠୁଥିବା ସମୟରେ ପବନର ବେଗ ଅଧିକ ଥିଲା। ତେଣୁ ହାଇଡ୍ରା ଓଲଟି ପଡ଼ିଥିଲା।

### ପ୍ରି-ଲିଟିଗେଶନ୍ ଡେସ୍କ ଉଦ୍‌ଘାଟିତ

# ମାମଲା ହ୍ରାସ ସହ କମିବ ଅଭିଯୋଗକାରୀଙ୍କ ଖର୍ଚ୍ଚ

**ଅନୁଗୋଳ ଅଫିସ, ୩୧।୫**

ଅନୁଗୋଳ ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟରେ ପ୍ରାକ୍ ବିବାଦ ସମାଧାନ କେନ୍ଦ୍ର ବା ପ୍ରି-ଲିଟିଗେଶନ୍ ଡେସ୍କ ଶୁକ୍ରବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଛି। ରାଜ୍ୟ ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଜଷ୍ଟିସ୍ କୁମାରୀ ସଞ୍ଜୁ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ରରେ ବୈବାହିକ ବିବାଦ, ପାରିବାରିକ କଳହ ଓ ଅନ୍ୟାନ୍ୟ ଅଦାଲତ ସମ୍ବନ୍ଧୀୟ ମକଦ୍ଦମା ଦାୟର ପୂର୍ବରୁ ଆପୋଷ ସମାଧାନ କରାଯିବ। ପଡ଼ି ରହିଥିବା ମାମଲାଗୁଡ଼ିକୁ ହ୍ରାସ କରିବା ଓ ଅଭିଯୋଗକାରୀଙ୍କୁ ଖର୍ଚ୍ଚାନ୍ତରୁ ନିବୃତ୍ତ ରଖିବା ଉଦ୍ଦେଶ୍ୟରେ ଏହା ଆରମ୍ଭ ହୋଇଛି। ଏହାଦ୍ୱାରା ଅନୁଗୋଳ ଜିଲାର ଜନସାଧାରଣ ଉପକୃତ ହେବେ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଦେବାଶିଷ ନାୟକ, ଅନୁଗୋଳ ଜିଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅଶାନ୍ତ କୁମାର ଦାସ, ଉପସଚିବ ଦୀପକ ରଞ୍ଜନ ସାହୁ, ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ରୂପଶ୍ରୀ ଚୌଧୁରୀ, ରେଜିଷ୍ଟ୍ରାର ବାସୁଦେବ ଆଚାର୍ଯ୍ୟ, ବରିଷ୍ଠ ଦେୱାନୀ ବିଚାରପତି ଲିଲିପ୍ତା ପଶାୟତ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଲୋଫର, ପ୍ରୋବେସନ୍‌ର ଶ୍ରୁତି ସ୍ୱରୂପା ସାହୁ ଓ ସଞ୍ଜୀବ ପଣ୍ଡା, ବରିଷ୍ଠ ଆଇନଜୀବୀ ସୁବାସ ମିଶ୍ର, ସରକାରୀ ଓକିଲ ପରମାନନ୍ଦ ମିଶ୍ର, ଅନୁଗୋଳ ବାର୍ ଆସୋସିଏଶନ ଉପସଭାପତି ମମତା ପଟ୍ଟନାୟକ, ଅନୁଗୋଳ ବାର୍‌ଆସୋସିଏଶନର ସମ୍ପାଦକ ହିମାଂଶୁ ଭୂଷଣ ସାମଲ ଓ ପୂର୍ବତନ ସଭାପତି ଦିଲୀପ କୁମାର ଦାସଙ୍କ ସମେତ ଜିଲା ଆଇନ ସେବା ପ୍ରାଧିକରଣ ସମସ୍ତ ମିଡିଏଟର, ଆଇନଜୀବୀ ଓ ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଅଭିନନ୍ଦିତା ପଣ୍ଡା ପରିଚାଳନା କରିଥିଲେ।



ପ୍ରି-ଲିଟିଗେଶନ୍ ଡେସ୍କ ଉଦ୍‌ଘାଟନ ଅବସରରେ ଅତିଥିମାନେ।

## ବାଇକ୍ ଧକ୍କାରେ ଜଣେ ମୃତ

**ତାଳଚେର/ବଣ୍ଡରପାଳ, ୩୧।୫**

ବାଇକ୍ ଧକ୍କାରେ ତାଳଚେର ବ୍ଲକ ଗୋପାଳପ୍ରସାଦର ମାଗତା ବାରିକ(୬୦)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ଘର ସମ୍ମୁଖରେ ଛିଡା ହୋଇଥିବାବେଳେ ଏକ ଦ୍ରୁତଗାମୀ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ କଲିୟାରୀ ପୋଲିସ ନଂ. ୧୫୫/୧୯ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସେହିପରି ବଣ୍ଡରପାଳ ଥାନା ବନ୍ଧା ନିକଟରେ ଶୁକ୍ରବାର ସକାଳେ ଅଶୋକ ପ୍ରଧାନ ନାମକ ଜଣେ ଯୁବକ ବାଇକ୍‌ରୁ ପଡି ଗୁରତର ହୋଇଛନ୍ତି।

# ଅନୁଗୋଳ ପୌରଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ

**ଅନୁଗୋଳ ଅଫିସ, ୩୧।୫**

ଅନୁଗୋଳ ପୌରପାଳିକା ଯନ୍ତ୍ରୀ ସୀମାଞ୍ଚଳ ମିଶ୍ରଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ହୋଇଛି ଅଭିଯୋଗ। ହାତଗୁଞ୍ଜା ନେଇ ଯନ୍ତ୍ରୀ ମିଶ୍ର ରାତି ଅଧିଆ ବେଆଇନ ଭାବେ ମାର୍କେଟ କମ୍ପ୍ଲେକ୍ସ ବଢ଼ାଉଥିବା ପ୍ରମୋଦ ଗୋଚ୍ଛାୟତ ଅଭିଯୋଗ କରିଛନ୍ତି। ତେବେ ଘଟଣାର ଅନୁଧ୍ୟାନ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି।

ଅଭିଯୋଗକାରୀ ଗୋଚ୍ଛାୟତ ଦର୍ଶାଇଛନ୍ତି ଯେ, ଲକ୍ଷ୍ମୀ ବଜାରରେ ଥିବା ପୌରପାଳିକା ସୁପର ମାର୍କେଟର ୨୪ଟି ଘରର ପାର୍କିଂ ଜାଗାରେ ଦୋକାନ କରିବାକୁ ପୌର ନିର୍ବାହୀ ଯନ୍ତ୍ରୀ ମିଶ୍ର ହାତଗୁଞ୍ଜା ନେଇ ଅନୁମତି ଦେଇଛନ୍ତି। ସେ ୨ଟି ରୁମ୍ ମାଲିକଙ୍କ ଠାରୁ ଲାଞ୍ଚ ନେଇ ସେଠାରେ ଦୋକାନ କରିବାକୁ ଅନୁମତି ଦେଇଛନ୍ତି। ତେଣୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୋଚ୍ଛାୟତ ଜିଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ତେବେ ଅଭିଯୋଗକୁ ଖଣ୍ଡନ କରିବା ସହ ପୌରଯନ୍ତ୍ରୀ ମିଶ୍ର କହିଛନ୍ତି, ସେପରି କିଛି କରିନାହିଁ କି ସେ ସମ୍ପର୍କରେ ଜାଣିନାହିଁ।



Cheil-1428/19

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ